# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 05th October – 2025

**********************************

## ମୁଖ୍ୟ ସମ୍ବାଦ

- କଫ୍ ସିରପ୍ ଯୋଗୁଁ ଶିଶୁମୃତ୍ୟୁ ଅଭିଯୋଗ ମାମଲାରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ।

- ସହିଦ ବାଜିରାଉତଙ୍କ ନାମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେବ; କହିଲେ ମୁଖ୍ୟମନ୍ତ୍ରୀ ।

- ପ୍ରତ୍ୟେକ ଗ୍ରାମର ଭାଗବତ ଟୁଙ୍ଗୀଗୁଡ଼ିକର ପୁନରୁଦ୍ଧାରପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ।

ଏବଂ

- ବ୍ରହ୍ମପୁରରୁ ଉଧନାକୁ ଆସନ୍ତାକାଲିଠାରୁ ଚଳାଚଳ କରିବ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ।

*Desk*

# କଫ୍ ସିରାପ୍

କଫ୍ ସିରପ୍ ଯୋଗୁଁ ଶିଶୁମୃତ୍ୟୁ ଅଭିଯୋଗ ହେବା ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଳ ଶ୍ରୀବାସ୍ତବ ଆଜି ଅପରାହ୍ନରେ ଭିଡିଓ କନଫରେନ୍ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ବୈଠକରେ ବିଶେଷକରି ଶିଶୁମାନଙ୍କ କ୍ଷେତ୍ରରେ କଫ୍ ସିରପ୍ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ଏନେଇ ଯାଞ୍ଚ୍ ବୃଦ୍ଧି କରିବାକୁ ମଧ୍ୟ କୁହାଯାଇଛି । ଶ୍ରୀ ଶ୍ରୀବାସ୍ତବ ଆଜି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟସଚିବ ଏବଂ ଔଷଧ ନିୟନ୍ତ୍ରକଙ୍କ ସହ ବୈଠକ କରିଛନ୍ତି ।

ପୂର୍ବରୁ, ଦୁଇ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କାଶ ଏବଂ ଥଣ୍ଡା ଔଷଧ ଲେଖିବା କିମ୍ବା ବଣ୍ଟନ କରାଯିବ ଉଚିତ ନୁହେଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ସାଧାରଣତଃ ୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ଏଗୁଡ଼ିକ ସୁପାରିଶ କରାଯାଏ ନାହିଁ। ଏଭଳି ଔଷଧର ବ୍ୟବହାର ଉଚିତ ତଦାରଖ ସହିତ ସତର୍କତାର ସହ କରାଯିବା ଉଚିତ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ଏ ସଂପର୍କରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖି ମନ୍ତ୍ରଣାଳୟ ଅବଗତ କରିଥିବା ଜଣାପଡ଼ିଛି ।

# ବାଜିରାଉତ ଜୟନ୍ତୀ

ସହିଦ ବାଜିରାଉତ ଆଦର୍ଶକୁ ଉଜ୍ଜୀବିତ ରଖିବାପାଇଁ ବାଜିରାଉତଙ୍କ ନାମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ । ଏହାସହ ଭୁବନେଶ୍ୱରରେ ଏକ ରାସ୍ତା ତାଙ୍କ ନାମରେ ନାମିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁରଠାରେ ଆୟୋଜିତ ଦେଶର ସର୍ବକନିଷ୍ଠ ସହିଦ ବାଜିରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମୃଦ୍ଧ ଓଡ଼ିଶା ବିକଶିତ ଭାରତ ଗଠନରେ ବାଜିରାଉତଙ୍କ ପଥ ଅନୁସରଣୀୟ । ବାଜିରାଉତଙ୍କ ସ୍ମୃତିରେ ଢେଙ୍କାନାଳଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ସ୍ପୋର୍ଟସ୍ କମ୍ପ୍ଲେକ୍‌ସର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହି କମ୍ପ୍ଲେକ୍ସ ଦ୍ୱାରା ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବାସହ ଯୁବଶକ୍ତିର ଉତ୍‌ଥାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM)*** :...........

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଜିରାଉତଙ୍କ ଦାୟାଦ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ସେମିକଣ୍ଡକ୍ଟର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଆଇ.ଆଇ.ଟି ଭୁବନେଶ୍ୱରରେ ୪ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟବରାଦରେ 'ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା' ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଅନୁମୋଦନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟ କ୍ୟାବିନେଟ୍ ସେମିକଣ୍ଡକ୍ଟର ନୀତିକୁ ଅନୁମୋଦନ କରିବା ସହ ପ୍ରମୁଖ ସେମିକଣ୍ଡକ୍ଟର କମ୍ପାନୀଗୁଡ଼ିକ ସହ ଅନେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପଦକ୍ଷେପ ଓଡ଼ିଶାକୁ ସେମିକଣ୍ଡକ୍ଟର, ଗବେଷଣା, ଡିଜାଇନ୍ ଏବଂ ଉନ୍ନତ ଉତ୍ପାଦନର କେନ୍ଦ୍ର ଭାବେ ଗଢ଼ିତୋଳିବ । ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା ଯୁବପିଢ଼ିଙ୍କୁ ପ୍ରେରଣା ଦେବା ସହ ଗବେଷଣାକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଜାତୀୟ ଏବଂ ବିଶ୍ୱ ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶାର ସ୍ଥିତିକୁ ଏହା ମଜବୁତ କରିବା ସହ ମେକ୍ ଇନ୍ ଇଣ୍ଡିଆ ଏବଂ ଡିଜାଇନ୍ ଇନ୍ ଇଣ୍ଡିଆ ପଦକ୍ଷେପର ଅଗ୍ରଗତିରେ ସହାୟକ ହେବ ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ।

***BBSR/R***

# ମୁଖ୍ୟମନ୍ତ୍ରୀ - କଟକ ବିଶୃଙ୍ଖଳା

କଟକ ଗୋଷ୍ଠୀ ବିବାଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବାପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, କଟକ ସହର ଭାଇଚାରାର ଅନନ୍ୟ ନିଦର୍ଶନ । ବିଶୃଙ୍ଖଳାକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସହରର ଗୌରବକୁ ଅକ୍ଷୁଣ୍ଣ ରଖିବାପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି ।

***Desk***

# ମୁଖ୍ୟମନ୍ତ୍ରୀ - ନୂଆପଡ଼ା ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ନୂଆପଡ଼ା ଗସ୍ତରେ ଯିବେ। ମିନି ଷ୍ଟାଡିୟମଠାରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏକାଧିକ ବିଭାଗୀୟ ମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି।

*Nuapada/R*

## ସ୍ୱାସ୍ଥ୍ୟମନ୍ତ୍ରୀ - ସମୀକ୍ଷା ବୈଠକ

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ନୂଆପଡ଼ା ଜିଲ୍ଲା ଗସ୍ତ କରି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଛନ୍ତି । ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ବିକାଶ ସରକାରଙ୍କ ଦାୟିତ୍ୱ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି । ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାୟାଲିସିସ୍, ସିଟିସ୍କାନ, ଏମ୍.ଆର୍.ଆଇ. ଭଳି ସ୍ୱାସ୍ଥ୍ୟସେବା ସୁବିଧାକୁ ଲୋକାଭିମୁଖୀ କରିବାପାଇଁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳ ମଧୁସୂଦନ ଦାସ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଧନେଶ୍ୱର ସେଠାରେ ପ୍ରମୁଖ ଉପସ୍ଥିତ ଥିଲେ ।

*BBSR/R*

## ଭାଗବତ ମହୋତ୍ସବ

ପ୍ରତ୍ୟେକ ଓଡ଼ିଆ ଘରେ ଭାଗବତ ଏବଂ ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗୀଗୁଡ଼ିକର ପୁନରୁଦ୍ଧାର ଏବଂ ପ୍ରତିଷ୍ଠାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଶ୍ରୀମଦ୍‌ଭାଗବତ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ସମାଜରେ ଯୁବବର୍ଗ ସମସ୍ତ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି ।

ଯୁବପିଢ଼ିଙ୍କୁ ସତ୍ୟମାର୍ଗରେ ନେବାପାଇଁ ଭାଗବତ ଏକ ବଳିଷ୍ଠ ମାଧ୍ୟମ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜୀବନକୁ ଏକ ସୁସ୍ଥ, ଧାର୍ମିକ ଓ ନୈତିକ ଦିଗରେ ନେବାକୁ ହେଲେ ଭାଗବତ ପାଠ କରିବାପାଇଁ ପରାମର୍ଶ ଦେଇଛନ୍ତି ।

***Desk***

# ବ୍ରହ୍ମପୁର-ଉଧନା ଟ୍ରେନ୍

ବ୍ରହ୍ମପୁରରୁ ସୁରତ୍‌ର ଉଧନାକୁ ଆସନ୍ତାକାଲିଠାରୁ ନିୟମିତ ଭାବେ ଟ୍ରେନ୍ ଚଳାଚଳ କରିବ । ଏହି ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ବ୍ରହ୍ମପୁରରୁ ପ୍ରତି ସୋମବାର ରାତି ୧୧ଟା ୪୫ ମିନିଟ୍‌ରେ ଚଳାଚଳ ଆରମ୍ଭ କରିବ ଏବଂ ବୁଧବାର ଦିନ ସକାଳ ୮ଟା ୪୫ ମିନିଟ୍‌ରେ ଉଧନାରେ ପହଞ୍ଚିବ । ପ୍ରତି ରବିବାର ସକାଳ ୭ଟା ୧୦ ମିନିଟ୍‌ରେ ଉଧନା ଛାଡ଼ିବା ସହ ପ୍ରତି ସୋମବାର ଅପରାହ୍ଣ ଗୋଟାଏ ୫୫ ମିନିଟ୍‌ରେ ବ୍ରହ୍ମପୁରରେ ପହଞ୍ଚିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

***Desk***

# କାର୍ତ୍ତିକ ବ୍ରତ

କାର୍ତ୍ତିକ ମାସର ରାଧାଦାମୋଦର ବ୍ରତ ବା ହବିଷ୍ୟାଳୀ ବ୍ରତ ପାଳନ ନେଇ ହବିଷ୍ୟାଳୀ ଯୋଜନାରେ ପଞ୍ଜୀକୃତ ହବିଷ୍ୟାଳୀମାନେ ଆସନ୍ତାକାଲିଠାରୁ ଶ୍ରୀକ୍ଷେତ୍ର ପୁରୀରେ ପହଞ୍ଚିବେ। ଶ୍ରୀକ୍ଷେତ୍ରରେ ସେମାନେ ଏକ ମାସ ଧରି ୪ଟି

ହବିଷ୍ୟାଳୀ ନିବାସ, ବୃନ୍ଦାବତୀ ନିବାସ, ଅକ୍ଷୟପାତ୍ର, ବଗଲା ଧର୍ମଶାଳା, ରେଳବାଇ କଲ୍ୟାଣ ମଣ୍ଡପ ଓ ମୋଚି ସାହି କଲ୍ୟାଣ ମଣ୍ଡପରେ ରହି ବ୍ରତ ପାଳନ କରିବେ। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କର ରହଣି ସୁବିଧା ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ହବିଷ୍ୟାଳୀ ମା'ମାନଙ୍କର ଶ୍ରୀମନ୍ଦିର ଦର୍ଶନକୁ ଶୃଙ୍ଖଳିତ କରିବା ସହ ଅନ୍ୟାନ୍ୟ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁଲିସ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଥିବା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ କହିଛନ୍ତି।

***Gajapati/R***

# ପର୍ଯ୍ୟଟନ ସ୍ଥଳୀ - ନିଷେଧ

ଗଜପତି ଜିଲ୍ଲା ପାହାଡ଼ିଆ ଅଞ୍ଚଳର ଦର୍ଶନୀୟ ସ୍ଥାନ ଓ ଜଳପ୍ରପାତ ଅଞ୍ଚଳକୁ ପର୍ଯ୍ୟଟକମାନେ ନ ଯିବାପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଲଗାଣ ବର୍ଷାଯୋଗୁଁ ଜଳପ୍ରପାତଗୁଡ଼ିକରେ ଜଳସ୍ରୋତ ଅଧିକ ରହିଥିବାଯୋଗୁଁ ପର୍ଯ୍ୟଟକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଓ ବନଖଣ୍ଡ ଅଧିକାରୀଙ୍କ ସମେତ ବିଭିନ୍ନ ବ୍ଲକ୍‌ର ବି.ଡି.ଓ.ମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାପାଇଁ ପତ୍ରମାଧ୍ୟମରେ ଜଣାଇ ଦିଆଯାଇଛି ।

*Boudh/R*

## ଭସାଣ ଯାତ୍ରା

ବୌଦ୍ଧ ସହରର ବିଭିନ୍ନ ପୂଜାମଣ୍ଡପରେ ମା’ ଦୁର୍ଗାଙ୍କ ଭସାଣ ଯାତ୍ରା ଅନୁଷ୍ଠିତ ହୋଇଛି । ସହରର ମାଳିସାହି, ଗାନ୍ଧିଛକ, ପୋଡ଼ପଡ଼ା ଆଦି ବିଭିନ୍ନ ପୂଜାମଣ୍ଡପରୁ ଭସାଣ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ସହର ପରିକ୍ରମା ପରେ ମୃଣ୍ମୟୀ ପ୍ରତିମାଗୁଡ଼ିକୁ ମହାନଦୀରେ ବିସର୍ଜନ କରାଯାଇଛି ।

*Desk*

## ବିଶ୍ୱ ଶିକ୍ଷକ ଦିବସ

ସମାଜ ପ୍ରତି ଶିକ୍ଷକମାନଙ୍କ ଅବଦାନ ଏବଂ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ପାଳିତ ହେଉଛି ବିଶ୍ୱ ଶିକ୍ଷକ ଦିବସ। ଶିକ୍ଷକମାନେ କେବଳ ଜ୍ଞାନ ଦିଅନ୍ତି ନାହିଁ ବରଂ ଛାତ୍ରଛାତ୍ରୀମାନଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱର ବିକାଶ କରିଥାଆନ୍ତି। ୧୯୯୪ ମସିହାରେ ୟୁନେସ୍କୋ ଦ୍ୱାରା ଶିକ୍ଷକମାନଙ୍କ ଅଧିକାର ଓ ଦାୟିତ୍ୱ ଉପରେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଶିକ୍ଷକମାନଙ୍କ ଅଧିକାର ଓ ଦାୟିତ୍ୱ, ନିଯୁକ୍ତି ଏବଂ ଶିକ୍ଷାଦାନ ଓ ଶିକ୍ଷାର ମାନଦଣ୍ଡ ସ୍ଥିର କରିବା କ୍ଷେତ୍ରରେ ୟୁନେସ୍କୋର ସୁପାରିସ ଗ୍ରହଣ କରାଯାଇଥିଲା। ସେହି ବର୍ଷଠାରୁ ପ୍ରତ୍ୟେକ

ବର୍ଷ ଆଜିର ଦିନକୁ ଶିକ୍ଷକ ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତ ବର୍ଷ **'ଶିକ୍ଷାଦାନକୁ ଏକ ସହଯୋଗୀ ବୃତ୍ତିଭାବରେ ଉପସ୍ଥାପନ କରିବା'** ଏହି ଦିବସର ବାର୍ତ୍ତା ରହିଛି।

***Met. O.***

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆଜି ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।

******